ISSN -2583-147X (P), Vol.- 9, Issue No.XII, March 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଗାନ୍ଧୀଙ୍କ ରାମରାଜ୍ୟ ଆଉ କେତେ ବାଟ ?

ମୀରା ବେଉରା

ଅନ୍ୟ ରାଷ୍ଟ୍ର ତୁଳନାରେ ଭାରତ ଏକ ବିକଶିତ ରାଷ୍ଟ୍ର ନୁହେଁ । ଏହା ଏକ ବିକାଶଶୀଳ ରାଷ୍ଟ୍ର । ସ୍ୱାଧୀନତାର ଦୀର୍ଘ ୭୬ ବର୍ଷ ପରେ ମଧ୍ୟ ଆମେ ଆମ ରାଷ୍ଟ୍ରର ପ୍ରତ୍ୟେକ ନାଗରିକଙ୍କୁ ସାକ୍ଷର କରି ପାରିଲୁ ନାହିଁ । ଆଜିବି ଦାରିଦ୍ର୍ୟ, କ୍ଷୁଧା, ଅଶିକ୍ଷା, ଭୋକ, ଅନ୍ଧକାର, ଗୁଣିଗାରେଡ଼ି, ଅନ୍ଧବିଶ୍ୱାସରେ ସମଗ୍ର ଗଣତନ୍ତ୍ର ଜଡ଼ିତ । ଏବେ ମଧ୍ୟ ଭାରତବର୍ଷ ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଦେଖୁଥିବା ବେଳେ କିଛି ଅଂଚଳରେ ବିଜୁଳି ଆଲୁଅ ସାତସପନ ହୋଇଲାଣି । ଆମର ଶିଶୁ ସୁଷମ ଖାଦ୍ୟ ଅଭାବରୁ ଆମ୍ବ ଟାକୁଆ ତେନ୍ତୁଳି ପତ୍ରକୁ ଖାଦ୍ୟ ରୂପେ କିଛି ଅନୁନ୍ନତ ଅଂଚଳରେ ବ୍ୟବହାର କରୁଛନ୍ତି । ଭଲ ପାନୀୟ ଜଳ ଟିକିଏ ମଧ୍ୟ ଭାରତର ସବୁ ଅଂଚଳରେ ଦୁଷ୍ପ୍ରାପ୍ୟ । ଅନେକ ବିଦ୍ୟାଳୟରୂପୀ ମନ୍ଦିରରେ ଶିକ୍ଷକର ଅଭାବ ପରିଲକ୍ଷିତ ହେଉଛି । ଅଧିକାଂଶ ସମୟରେ ଶିକ୍ଷକମାନେ ନିଜର ଦାବୀ ପାଇଁ ଆନ୍ଦୋଳନରେ ରତ ଅଥବା ଶିକ୍ଷା ନିର୍ଦ୍ଦେଶାଳୟର ଦ୍ୱାରସ୍ଥ । ଦେଶର ମେରୁଦଣ୍ଡ ଶିକ୍ଷକମାନଙ୍କ କଥା ନ କହିଲେ ଭଲ । କୃଷକଟିଏ ତା'ର କୃଷି ଉତ୍ପାଦନକୁ ଶାଗମାଛ ମୂଲରେ ବିକ୍ରି କରିବାକୁ ଏକ ରକମ ବାଧ୍ୟ ହେଉଛି । ୫୦ ପଇସାରେ ବା ଏକ ଟଙ୍କାରେ ସେ ଜମିରେ ଉତ୍ପାଦିତ ଫସଲ ଯଥା ଫୁଲକୋବି, ଟମାଟୋକୁ ବିକ୍ରି କରିବାକୁ ବାଧ୍ୟ ହେଉଛି । କାହିଁକି ନା ଶୀତଳ ଭଣ୍ଡାରଟିଏ ଆମେ ତାକୁ ଏ ପର୍ଯ୍ୟନ୍ତ ଯୋଗାଇ ପାରିଲୁ ନାହିଁ । ଯୁବପିଢ଼ି ଚାକିରି ଆଶାରେ ବିଦେଶରେ ଦାଦନ ଖଟୁଛି । ଏବେବି ଆମର ଶିଶୁ କନ୍ୟାଟି ପରିତ୍ୟକ୍ତ ଅବସ୍ଥାରେ ଅଳିଆଗଦାରେ ଫିଙ୍ଗା ଯାଉଛି । ଆମ ରାଷ୍ଟ୍ର ବିକାଶଶୀଳ ହୋଇ ପ୍ରତି ମୁହୂର୍ତ୍ତରେ ଅଣ୍ଟା ସଳଖି ଛିଡ଼ା ହେବାପାଇଁ ନିଇତି ସଂଘର୍ଷ କରୁଛି । ହୋଇପାରେ ଭାରତବର୍ଷ ଏକ ଆଧାତ୍ମିକ ସନ୍ଥ, ମୁନି, ଋଷିମାନଙ୍କର ଦେଶ; ପବିତ୍ର ପୁଣ୍ୟ ଭୂମିର ଦେଶ । ଯା' ମାନେ ନୁହେଁ ଯେ ଆମ ଗଣତନ୍ତ୍ରର ଆଧାତ୍ମିକ ଚିନ୍ତାକୁ ଦୃଷ୍ଟିରେ ରଖି ସେମାନଙ୍କର ଅସହାୟ ମନୋଭାବକୁ ଅକ୍ତିଆର କରି ଆମେ ଧର୍ମ ନାମରେ ରାଜନୀତି କରି ତାଙ୍କର ଧାର୍ମିକ ଚିନ୍ତାଧାରାକୁ ଏକ ରୂପ ଦେଇ ନିଜ ନିଜ ରାଜନୈତିକ ଦଳ ପ୍ରତି ସେମାନଙ୍କୁ ଆକର୍ଷିତ କରିବା । ଏହା କେଉଁ ସମ୍ବିଧାନରେ ଲେଖା ଅଛି ? ଆମ ସମ୍ବିଧାନ କହେ ଭାରତବର୍ଷ ଏକ ଧର୍ମନିରପେକ୍ଷ ରାଷ୍ଟ୍ର । କିନ୍ତୁ କୌଣସି ରାଜନୈତିକ ଦଳ ଏକଥା ଆଦୌ ବିସ୍ମରି ଯିବା ଉଚିତ ନୁହେଁ ଯେ ଭାରତୀୟମାନେ ଯଦିଓ ଆର୍ଥନୈତିକ ଦୃଷ୍ଟିକୋଣରୁ ଅଭାବ ଭିତରେ ରହି ପାରନ୍ତି, କ୍ଷୁଧାକୁ ଅନୁଭବ କରି ପାରନ୍ତି, ଅଶିକ୍ଷା ଅନ୍ଧକାରରେ ପ୍ରପୀଡ଼ିତ ହୋଇପାରନ୍ତି କିନ୍ତୁ ଆମର ବୌଦ୍ଧିକତା ଗଲା କୁଆଡ଼େ ? ଭାରତୀୟ ଗରିବ ହୋଇପାରନ୍ତି, କିନ୍ତୁ ଭାରତବର୍ଷ କଦାପି ଗରିବ ନୁହେଁ । ଏହା ସୁନାର ଦେଶ । ଭାରତ ହେଉଛି ଜ୍ଞାନର ଦେଶ । 'ଭା' ହେଉଛି ଜ୍ଞାନ; 'ରତ' ଅର୍ଥାତ ଯିଏ ଜ୍ଞାନରେ ରତ ସେ ଭାରତ ବର୍ଷ । ଏକ ଅଲୌକିକ, ଆଧାତ୍ମିକ, ଭଗବତ୍ ବିଶ୍ୱାସ ପ୍ରତି, ଭକ୍ତି ପ୍ରତି ଆମ ଭାରତବର୍ଷରେ ମାତ୍ରାଧିକ; ଲୋକ ଈଶ୍ୱର ବିଶ୍ୱାସୀ । ଆମ ସଂସ୍କୃତି ୫୦୦୦ ବର୍ଷର ସଂସ୍କୃତି । ଉପାସନା ଗୃହ, ମନ୍ଦିର, ମସଜିଦ୍, ଗୀର୍ଜା, ଗୁରୁଦ୍ୱାରରେ ପରିପୂର୍ଣ୍ଣ ଭାରତବର୍ଷ । ଗୋଟିଏ ଦୁଃଖ ଆମର ଭୌତିକ ପ୍ରଗତିରେ ଆମେ ଯେତିକି ପ୍ରଗତି କରୁଛେ ନୈତିକତାରେ କିନ୍ତୁ ଆମେ ସେତିକି ସଚେତନ ନୁହେଁ । ଆମ ଧର୍ମ କହେ ମାନବ ସେବା ହିଁ ମାଧବ ସେବା ।

ଆଜି ଏକବିଂଶ ଶତାବ୍ଦୀରେ ମଧ୍ୟ ଶିଶୁକନ୍ୟାକୁ ଅଳିଆଗଦାରେ ଫିଙ୍ଗୁଥିବାର ଚିତ୍ର ଆମ ପାଖକୁ ଆସୁଛି । ପରିତ୍ୟକ୍ତ ଅବସ୍ଥାରେ ତାକୁ ମୃତ୍ୟୁ ମୁହଁକୁ ଠେଲି ଦେଉଛୁ । ମହିଳା ସଶକ୍ତିକରଣ ନାମରେ ପ୍ରତ୍ୟେକ ରାଜନୈତିକ ଦଳ ଆଜି ଭୋଟ ବ୍ୟାଙ୍କ୍ ଖୋଲି ଆତ୍ମତୃପ୍ତି ପାଉଛି । ଆଜିର ଯୁବପିଢ଼ି ଆତ୍ମବିଶ୍ୱାସ ହରାଇ ଆତ୍ମହତ୍ୟାକୁ ବାଛି ନେଉଛି । ନାରୀ ସୁରକ୍ଷା କଥା ନ କହିଲେ ଭଲ । ପ୍ରତ୍ୟେକ ମୁହୂର୍ତ୍ତରେ ଝିଅଟିଏ ଦିବାଲୋକରେ ମଧ୍ୟ ବଳାତ୍କାରର ଶିକାର ହୋଇ ମୃତ୍ୟୁକୁ ଆପଣେଇ ନେଉଛି । ପ୍ରତ୍ୟେକ ମନ୍ଦିରରୂପୀ ବିଦ୍ୟାଳୟରେ ଆଜି ଦେବତାରୂପୀ ଶିକ୍ଷକ ନାହାନ୍ତି । ଆମ ସମାଜର ଜୀବନ୍ତ ଈଶ୍ୱର ବୃଦ୍ଧ ପିତାମାତା ଆଜି ଜରାଶ୍ରମରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି । ମହିଳାଟିକୁ ଆମେ ସମ୍ମାନ ଦେଇ ପାରୁନି । କିନ୍ତୁ ମନ୍ଦିରରେ ଦେବୀ ପ୍ରତିମାକୁ ଆମେ ହୀରାର ମୁକୁଟ ପିନ୍ଧାଇ ପାଟବସ୍ତ୍ର ପିନ୍ଧାଇ ନିଇତି ପୂଜାର୍ଚ୍ଚନାରେ ଲାଗି ପଡ଼ିଛୁ । ଗୁଡ଼ାଏ ଜରାଶ୍ରମ ଓ ଅନାଥାଶ୍ରମ ଖୋଲି ନିଜକୁ ସମାଜସେବୀ ଭାବେ ପରିଚୟ ଦେଇ ଗୁଡ଼ାଏ ବାହାସ୍ଫୋଟ ମାରୁଛୁ କହିଲେ ଭୁଲ ହେବ ନାହିଁ । ଏହା ଦ୍ୱାରା ଆମେ ନିଜେ ନିଜ ସହିତ

ଛଳନା କରୁନାହୁଁ ତ ଆଉ କଣ ? ସଭ୍ୟ ସମାଜର ଦ୍ୱାହି ଦେଇ ଯେତେ ସବୁ ଅସଭ୍ୟ, ବର୍ବରତା କାର୍ଯ୍ୟରେ ଲିପ୍ତ ରହୁଛୁ । ଭାରତ ବର୍ଷ ଭଳି ଏକ ପ୍ରଗତିଶୀଳ ପୁଣ୍ୟ ପବିତ୍ର ଜ୍ଞାନର ଦେଶରେ ଜନ୍ମ ହୋଇ ଏତେ ନିମ୍ନଗାମୀ ହୋଇ ପାରୁଛୁ କେମିତି ? ଅନେକ ସାମାଜିକ ସମସ୍ୟା ଥିବା ସତ୍ତ୍ୱେ ସେସବୁକୁ ଅଣଦେଖା କରି ମନ୍ଦିର ଓ ମୂର୍ତ୍ତି ଗଢ଼ିବାରେ ଆମେ ବ୍ୟସ୍ତ ରହି ଦେଶକୁ ଆଗେଇ ନେବାର ଯେଉଁ ଭିନ୍ନ ପ୍ରୟାସ ଜାରି ରଖିଛୁ, ସତରେ ତାହା କେତେ ଦୂର ସ୍ୱାଗତଯୋଗ୍ୟ ତାହା ଆମର ବୁଦ୍ଧିଜୀବୀମାନେ ଟିକିଏ ଚିନ୍ତା କରନ୍ତୁ ।

ଗୋଟିଏ ପଟେ ଭାରତବର୍ଷ ସାମରିକ କ୍ଷେତ୍ରରେ, ଅର୍ଥନୀତି କ୍ଷେତ୍ରରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଗର୍ବ କରୁଥିବା ବେଳେ ଆଉ ଗୋଟିଏ ପଟେ ଅନ୍ଧବିଶ୍ୱାସ, ଅଶିକ୍ଷା, ପ୍ରଗତିରେ ବାଧା ସୃଷ୍ଟି କରୁଛି । ଦେଶର ତଥା ରାଷ୍ଟ୍ରର ଅନେକ ସମସ୍ୟା ଚାଷୀ ଆତ୍ମହତ୍ୟା, ଦାରିଦ୍ର୍ୟ ବେକାରୀ ସମସ୍ୟା, ନାରୀ ନିର୍ଯ୍ୟାତନା, ନିଶାନିବାରଣ, ଅନ୍ଧବିଶ୍ୱାସ, ଜାତିପ୍ରଥା, ଅହେତୁକ ମୂଲ୍ୟବୃଦ୍ଧି, ପରିବେଶ ପ୍ରଦୂଷଣ, ଖାଦ୍ୟ ସଂକଟ, ଦୁର୍ନୀତି, ଜଳବାୟୁ ପରିବର୍ତ୍ତନ ପ୍ରତି ଆମେ ଯେତିକି ଯତ୍ନଶୀଳ ହେବାକଥା ସେପରି ଦେଖା ଯାଉନାହିଁ । ରାଷ୍ଟ୍ରର ମୁଖ୍ୟ ସମସ୍ୟାଠାରୁ ଲୋକଙ୍କ ମ୍ଳାନ ହଟେଇ ଏବେ ଆମର ଅସହାୟ ରାଜନେତାମାନେ ଧର୍ମକୁ ନେଇ ରାଜନୀତି କରିବା ପ୍ରାୟତଃ ଆରମ୍ଭ କରି ଦେଇଛନ୍ତି କହିଲେ ଆଦୌ ଭୁଲ ହେବନାହିଁ । ଆମ ସହିତ ଆମ ପରିବେଶ ବା ବିଶ୍ୱ କିପରି ସୁରକ୍ଷିତ ହୋଇ ରହିବ ସେଥିପ୍ରତି ପ୍ରତ୍ୟେକ ଯତ୍ନଶୀଳ ହେବା ହିଁ ପ୍ରକୃତ ଧର୍ମର ମୌଳିକ ଲକ୍ଷ୍ୟ । ଧର୍ମର ମୂଳ ଉଦ୍ଦେଶ୍ୟ ହେଉଛି ଅହିଂସା । ଗୋଟିଏ ପଟେ ଆମେ ଚନ୍ଦ୍ରପୃଷ୍ଠରେ ପାଦ ଥାପି ଚନ୍ଦ୍ରାୟଣ ପ୍ରେରଣ କରି ଗର୍ବ ଅନୁଭବ କରୁଥିବା ବେଳେ ଆଉ ଗୋଟିଏ ପଟେ ଆମେ ଅନ୍ଧକାରମୟ ମଧ୍ୟଯୁଗକୁ ଫେରିଯାଇ ଅନ୍ଧବିଶ୍ୱାସକୁ ପ୍ରାଧାନ୍ୟ ଦେଉଛୁ । ସେହିଥିପାଇଁ ତ କାର୍ଲମାର୍କ୍ସ କହିଥିଲେ, ଧର୍ମ ହେଉଛି ଲୋକଙ୍କ ପାଇଁ ଅଫିମ । ଆମ ଦେଶରେ ଏହି ଅଫିମ ନିଶା ବଡ଼ ବ୍ୟାପକ ଭାବରେ ମାଡ଼ି ଚାଲିଛି । ପ୍ରକୃତ ସମସ୍ୟାଠାରୁ ଆମେ ଦୂରେଇ ଯାଇ ଲୋକଙ୍କୁ ବିଭ୍ରାନ୍ତ କରିଦେଇ ଅପାର ଆନନ୍ଦ ପାଉଛୁ । ଏବେ ମଧ୍ୟ ଆମେ ସ୍ୱର୍ଗଦ୍ୱାରରେ ଶବଦାହ କରୁଛୁ । ଗଂଗାରେ ଶବ ସଂସ୍କାର କରି ତାକୁ ଆବର୍ଜନାମୟ କରି ସାରିଲୁଣି । କଳାଗାଇ ଓ କୁକୁରକୁ ଖାଇବାକୁ ଦେଇ ପୁଣ୍ୟ ଅର୍ଜୁଛୁ । କ୍ଷମତା ଓ ପ୍ରାଚୁର୍ଯ୍ୟ ପଛରେ ଧାଇଁ ଅନ୍ଧବିଶ୍ୱାସକୁ ଆପଣେଇ ନେଇଛୁ । ଏହି ଦୌଡ଼ରେ ଆମର ଆତ୍ମବିଶ୍ୱାସକୁ ଆମେ ନିଜେ ନଷ୍ଟ କରି ସାରିଲୁଣି । ଯଦି ଆମେ ବୈଜ୍ଞାନିକ ମନୋଭାବ ପୋଷଣ କରି ଅନ୍ଧବିଶ୍ୱାସକୁ ଦୂରେଇ ଦେଇ ଲୋକଙ୍କ ସମସ୍ୟା ପ୍ରତି ସଚେତନ ନ ହେବା ତେବେ ଆମେ ପୁଣି ସେହି ଅନ୍ଧକାରମୟ ମଧ୍ୟଯୁଗକୁ ଫେରିଯିବା । ତେଣୁ ଗଣତନ୍ତ୍ରକୁ ସଚେତନ କରିବାକୁ ହେଲେ ଶିକ୍ଷା ପ୍ରତି ଆମକୁ ପ୍ରଥମେ ଦୃଷ୍ଟି ଦେବାକୁ ପଡ଼ିବ । ସେହିଥିପାଇଁ ନେଲସନ ମଣ୍ଡେଲା କହିଥିଲେ, "ସାରା ବିଶ୍ୱକୁ ବଦଳାଇବା ପାଇଁ ଏକମାତ୍ର ହତିଆର ହେଉଛି ଶିକ୍ଷା । ଯଦି ଦେଶବାସୀଙ୍କୁ ମୂର୍ଖ କରିବାକୁ ହୁଏ ତା'ର ଏକମାତ୍ର ଉପାୟ ଧର୍ମ ।

ତେଣୁ ରାଷ୍ଟ୍ରର ତଥା ରାଜ୍ୟର କୌଣସି ଧାର୍ମିକ ବିଚାର ରହିବା ଉଚିତ ନୁହେଁ । ରାଷ୍ଟ୍ରର ଉଦ୍ଦେଶ୍ୟ ହେଲା ନାଗରିକମାନଙ୍କୁ ସମାନ ଭାବରେ ଆଚରଣ ଦେଖାଇ ସେମାନଙ୍କୁ ସୁରକ୍ଷା ପ୍ରଦାନ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେମାନଙ୍କର ପ୍ରଗତି ପାଇଁ ଜନହିତକର କାର୍ଯ୍ୟ କରିବା । ଧର୍ମ ନିରପେକ୍ଷତା ହିଁ ଆମ ସମ୍ବିଧାନର ଆଭିମୁଖ୍ୟ । ପ୍ରାୟତଃ ଦେଖାଯାଇଛି ପାଶ୍ଚାତ୍ୟ ଦେଶମାନଙ୍କରେ ଆମେରିକା ଫ୍ରାନ୍ସରେ ସରକାରମାନଙ୍କର ଧର୍ମ ସହିତ କୌଣସି ସଂପର୍କ ନଥାଏ । ସେମାନେ କୌଣସି ଆର୍ଥିକ ସହଯୋଗ ମଧ୍ୟ କରନ୍ତି ନାହିଁ । ଧର୍ମନିରପେକ୍ଷ ରାଷ୍ଟ୍ରମାନଙ୍କରେ ଶାସକମାନେ ତାଙ୍କର ବ୍ୟକ୍ତିଗତ ସ୍ତରରେ ପୂଜାପାଠ ପ୍ରାର୍ଥନାଦି କରିପାରନ୍ତି । କିନ୍ତୁ ସାମୂହିକ ସର୍ବଜନସ୍ତରରେ କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ସେମାନଙ୍କୁ ଖୁବ୍ କମ୍ ଦେଖାଯାଇଥାଏ । କାରଣ ଦେଖାଯାଏ ଯେ ଯଦି ଗୋଟାଏ ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ସରକାର ଭାଗ ଦିଅନ୍ତି ତେବେ ଦେଶର ତଥା ସମାଜର ଅନ୍ୟ ଲୋକମାନେ ନିଜକୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ବିବେଚନା କରନ୍ତି ।

ଏଇଠି ଗୋଟିଏ ଉଦାହରଣ ନିଆ ଯାଇପାରେ । ଆମ ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୯୫୧ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କୁ ସୋମନାଥ ମନ୍ଦିର ଉଦ୍‌ଘାଟନ ଉତ୍ସବରେ ଯୋଗ ନଦେବାକୁ ପରାମର୍ଶ ଦେଇଥିଲେ । ଯଦି କୌଣସି ଦେଶର ତୁଙ୍ଗ ନେତା ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ନିଜର ଅନୁରକ୍ତି ବା ଉତ୍ସାହ ଭଲପାଇବା ଦେଖାନ୍ତି, ନିଶ୍ଚିତ ଭାବରେ ଗୋଟିଏ ପ୍ରଶ୍ନ ଉଠିବା ସ୍ୱାଭାବିକ । ଆମେ କଦାପି ବିସ୍ମରି ଯିବା ଉଚିତ ନୁହେଁ ଯେ ଭାରତ ବର୍ଷ ଗୋଟିଏ ପ୍ରଗତିଶୀଳ, ଜନମଙ୍ଗଳ, ଧର୍ମନିରପେକ୍ଷ ରାଷ୍ଟ୍ର । ଧର୍ମ ନିରପେକ୍ଷତା ହିଁ ଭାରତର ସଭ୍ୟତା ସଂସ୍କୃତିକୁ ଏକ ବଳିଷ୍ଠ ଖ୍ୟାତି ସଂପନ୍ନ ଅବଦାନ । ଇତିହାସର ପୃଷ୍ଠାରେ ଏମିତି ଅନେକ ରାଜନେତା ଯଥା ସମ୍ରାଟ ଅଶୋକ, ଆକବର ଓ ଜାତିର ପିତା ମହାତ୍ମା ଗାନ୍ଧୀ କୌଣସି ନିର୍ଦ୍ଦିଷ୍ଟ ଧର୍ମର ପ୍ରସାର ନ ଘଟାଇ ଭିନ୍ନ ଭିନ୍ନ ଧର୍ମର ପ୍ରଚାର ପ୍ରସାର କରାଇଥିଲେ । ଧର୍ମନିରପେକ୍ଷତା, ସତ୍ୟ, ଅହିଂସା, ସହିଷ୍ଣୁତା ହିଁ ଆମର ଧର୍ମ ହେବା ଆବଶ୍ୟକ । ଗଣତନ୍ତ୍ରର ସମସ୍ୟା ପ୍ରତି ସଚେତନ ହୋଇ ଦେଶକୁ ଧର୍ମାରୁ ଊର୍ଦ୍ଧ୍ୱକୁ ନେଇ ଅଜ୍ଞାନ, ଅନ୍ଧକାର, କ୍ଷୁଧା, ଅନ୍ଧବିଶ୍ୱାସରୁ ମୁକ୍ତିକରି ଦେଶକୁ ପ୍ରଗତି ପଥରେ ଆଗେଇ ନେଇ ବିକାଶଶୀଳ ରାଷ୍ଟ୍ରରୁ ବିକଶିତ ରାଷ୍ଟ୍ରରେ ରୂପାନ୍ତରିତ କରିବା ଦେଶର ଶାସକ ଏବଂ ଉଭୟ ଜନସାଧାରଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଆବଶ୍ୟକ ।

ଦୂରଭାଷ : ୯୮୫୩୩୫୦୩୮୪